ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.292 Bhubaneswar Monday January 08 2024 | ୨୬ତମ ବର୍ଷ ସଂଖ୍ୟା–୨୯୨ ଭୁବନେଶ୍ୱର, ସୋମବାର, ଜାନୁଆରୀ ୦୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ସ୍ପଷ୍ଟ ବା କ୍ୟାପିଟାଲ୍ ଅକ୍ଷରରେ ପ୍ରେସ୍କ୍ରିପ୍ସନ୍ ଲେଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର,୭ ।୧(ପି.ଏନ):ଡାକ୍ତରଙ୍କ ହାତ ଲେଖା ପ୍ରେସ୍କ୍ରିପ୍ସନକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଯାଇଥାଏ। କାରଣ ସେମାନଙ୍କ ହାତ ଲେଖାକୁ କେହି ଠିକ୍‌ରେ ପଢ଼ି ପାରନ୍ତି ନାହିଁ। ଏହାକୁ ନେଇ ଆଜି ଉଦ୍‌ବେଗ ପ୍ରକାଶ କରିଛନ୍ତି ଓଡିଶା ହାଇକୋର୍ଟ। ପ୍ରେସ୍କ୍ରିପ୍ସନ୍ ଓ ଅନ୍ୟାନ୍ୟ ରିପୋର୍ଟ ଗୋଡିକୁ ସ୍ପଷ୍ଟଭାବେ ବା କେପିଟାଲ୍ ଅକ୍ଷରରେ(ସମସ୍ତେ ପଢ଼ି ପାରୁଥିଲା ପରି ଅକ୍ଷରରେ) ଲେଖିବାକୁ ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ମେଡିକାଲ ସେଣ୍ଟର, ଘରୋଇ କ୍ଲିନିକ, ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବାକୁ କୋର୍ଟ କହିଛନ୍ତି। ଔଷଧ ପରାମର୍ଶ ବା ଚିକିତ୍ସା-ଆଇନ୍ ସମ୍ବନ୍ଧୀୟ (ମେଡିକୋ-ଲିଗାଲ) ରିପୋର୍ଟ ଉପଯୁକ୍ତ ହସ୍ତାକ୍ଷରରେ ବା ଟାଇପ୍ ପଦ୍ଧତିରେ ଲେଖିବା ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ତେବେ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିନାହାନ୍ତି କୋର୍ଟ।

## ପୁରୀରେ ପହଁଚିଲେ ଗୋଆ ମୁଖ୍ୟମନ୍ତ୍ରୀ, ମହାପ୍ରଭୁଙ୍କୁ ଦର୍ଶନ କରି ବ୍ୟକ୍ତ କଲେ ଖୁସି



ପୁରୀ,୭ ।୧(ପି.ଏନ): ଗୋଆ ମୁଖ୍ୟମନ୍ତ୍ରୀ ପୁରୀରେ ପହଁଚିଛନ୍ତି । ସେଠାରେ ସେ ମହପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ପୁରୀକୁ ସପରିବାର ସହ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଦର୍ଶନ କରିବାକୁ ଆସିଛନ୍ତି । ଶ୍ରୀଜୀଉଙ୍କୁ ଦର୍ଶନ କରି ଖୁସି ଅଛନ୍ତି ବୋଲି କହିଲେ ସାୱନ୍ତ । ଏଥିସହ ଶ୍ରୀମନ୍ଦିର ବିକାଶ କାର୍ଯ୍ୟକୁ ଗୋଆ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ପୁଣି ଦିଲ୍ଲୀରେ ଲଜ୍ଜା, ୧୨ ବର୍ଷର ନାବାଳିକାକୁ ଗଣଦୁଷ୍କର୍ମ



ନୂଆଦିଲ୍ଲୀ,୭ ।୧(ପି.ଏନ): ପୁଣି ରାଜଧାନୀ ଦିଲ୍ଲୀରେ ଗଣଦୁଷ୍କର୍ମ। ଜଣେ ୧୨ ବର୍ଷର ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଜଣେ ମହିଳା ପ୍ରଲୋଭନ ଦେଖାଇ ଏକ ନିର୍ଜନ ସ୍ଥାନକୁ ନେବା ପରେ ଚାରି ଜଣ ଦୁଷ୍କର୍ମ କରିଛନ୍ତି। ଏଥିରେ ଜଣେ ପୁରୁଷ ଏବଂ ଅନ୍ୟ ତିନି ଜଣ ନାବାଳକ ଅଛନ୍ତି। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଅଟକ ରଖି ପଚ୍ଚରାଉଚ୍ଚରା କରୁଛି। ପୁଲିସର କହିବା ଅନୁସାରେ, ମୁଖ୍ୟ ଅଭିଯୁକ୍ତର ଦିଲ୍ଲୀ ସଦର ବଜାରର ଏକ ଚା ଦୋକାନ ଅଛି। ଅଭିଯୁକ୍ତ ତିନି ନାବାଳକ ତାଙ୍କ ଦୋକାନରେ କାମ କରନ୍ତି। ଜଣେ ମହିଳା ସଫେଇ କର୍ମଚାରୀ ଜାନୁଆରୀ ୧ରେ ତାଙ୍କ ଦୋକାନକୁ ଆସିଥିଲେ। ଚା ଦୋକାନୀ ତାଙ୍କୁ ନୂଆ ବର୍ଷ ସେଲିବ୍ରେସନ ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ। ତା ପରଦିନ ମହିଳା ଜଣକ, ତାଙ୍କ ସହ କାମ କରୁଥିବା ଜଣେ ୧୨ ବର୍ଷର ସଫେଇ କର୍ମଚାରୀଙ୍କୁ ମିଛ-ସତ କହି, ପ୍ରଲୋଭନ ଦେଖାଇ ଏକ ଅସ୍ଥାୟୀ କୋଠାକୁ ନେଇଥିଲେ।

## ଆସନ୍ତା ୯ ତାରିଖ ଯାଏଁ ରାଜ୍ୟରେ ଘନ କୁହୁଡି

ଭୁବନେଶ୍ୱର,୭ ।୧(ପି.ଏନ): ରାଜ୍ୟରେ ଶୀତର ପ୍ରକୋପ କମ୍ ରହିଥିବା ବେଳେ ଅଧିକାଂଶ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଛି ଯାହା ଜନଜୀବନକୁ ପ୍ରଭାବିତ କରୁଛି । ଅନେକ ସମୟରେ ଦୁର୍ଘଟଣା ଭଳି ମାମଲା ସାମ୍ନାକୁ ଆସୁଛି । ଆସନ୍ତା ୯ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଜାନୁଆରୀ ୭ ଓ ୮ ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, କଟକ ଓ ଜଗତସିଂହପୁରରେ ଘନ କୁହୁଡି ଦେଖାଯିବ । ଶନିବାର ଜି.ଉଦୟଗିରିରେ ରାତି ତାପମାତ୍ରା ୬.୫ ଡିଗ୍ରୀ, କୋରାପୁଟ ଓ ସିମିଳିଗୁଡାରେ ୮ ଡିଗ୍ରୀ, ଦାରିଙ୍ଗିବାଡିରେ ୮.୫, ଫୁଲବାଣୀରେ ୯, କିରେଇରେ ୧୧.୫ ଓ କେନ୍ଦୁଝରରେ ୧୧.୪ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ରାତି ତାପମାତ୍ରା ସ୍ୱାଭାବିକ ଠାରୁ ୨ରୁ ୩ ଡିଗ୍ରୀ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

## ଜିଲ୍ଲା, ବ୍ଲକ ଓ ନଗର କଂଗ୍ରେସ ସଭାପତିମାନଙ୍କ ବୈଠକ ନେଲେ ଡ. ଅଜୟ କୁମାର



ଭୁବନେଶ୍ୱର,୭ ।୧(ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା, ବ୍ଲକ ଓ ନଗର କଂଗ୍ରେସ ସଭାପତିମାନଙ୍କ ବୈଠକରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଉପସ୍ଥିତ ଥିବା ଜିଲ୍ଲା, ବ୍ଲକ ଓ ନଗର କଂଗ୍ରେସ କମିଟି ସଭାପତି ମାନଙ୍କୁ ସେମାନଙ୍କର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରିବା ସହ ସେମାନେ ଜିଲ୍ଲା ଠାରୁ ବୁଥସ୍ତରରେ ପର୍ଯ୍ୟ' ଯେଉଁ କାର୍ଯ୍ୟକ୍ରମ ସବୁ ସମ୍ପନ୍ନ କରିଛଁ ସେ ବିଷୟରେ ସବିଶେଷ ତଥ୍ୟ ଦେବାକୁ କହିଥିଲେ। ଯଥାଶୀଘ୍ର ଜିଲ୍ଲାଠାରୁ ବୁଥ ସ୍ତର ପର୍ଯ୍ୟ' କମିଟିର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ସେ କହିଥିଲେ। 'ଦେଶପାଇଁ ଦାନ' କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ କର୍ମୀ ଯେପରି ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପି ଏକ ୨୦ ଦିନିଆ ଜନସମ୍ପର୍କ ଯାତ୍ରା କରାଯିବ। ଏକ ସ୍ୱତନ୍ତ୍ର ବସ ଯୋଗେ କଂଗ୍ରେସର ବରିଷ୍ଠ ନେତୃବର୍ଗ ଯାଇ ତୃଣମୂଳ ସ୍ତରର କର୍ମୀମାନଙ୍କ ସହ ଆଲୋଚନା କରିବେ ଏବଂ ମୋଦି ଓ ନବୀନ ସରକାରର ଜନବିରୋଧି ନୀତ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇବେ। ସେ ଭୁବନେଶ୍ୱରରେ ଅଧିକ ଦିନ ରହି ଦଳର କାର୍ଯ୍ୟକ୍ରମକୁ ତଦାରଖ କରିବେ। ସେ ଏଥର ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ, କଂଗ୍ରେସ ସଭାପତି ମାଲିକାର୍ଜ୍ଜୁନ ଖଡ଼ଗେ ଓ ସମ୍ମାନନୀୟ ରାହୁଲ ଗାନ୍ଧୀ ତାଙ୍କୁ ଯେଉଁ ଗୁରୁ ଦାୟୀତ୍ୱ ଦେଇଛଁ ତାହାକୁ ସେ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି କହିଥିଲେ। ସେ କହିଥିଲେ ବୁଥସ୍ତରର ଜଣେ ସାଧାରଣ କର୍ମୀ ମୋତେ ବିନା ଦ୍ୱିଧାରେ ସାକ୍ଷାତ କରି ସଂଗଠନ ସମ୍ପର୍କରେ ଜଣାଇପାରିବେ ।

ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମୋଦି ଓ ନବୀନ ଶାସନରେ ସାଧାରଣ ଜନତା ଅତିଷ୍ଠ। ୨୦୨୪ ବର୍ଷଟି ପରିବର୍ତ୍ତନର ବର୍ଷ ହେବ। କଂଗ୍ରେସ ଦଳ ଏ ଦେଶରେ ବ୍ରିଟିଶ ରାଜକୁ ଖତମ କରିଛି। ମୋଦି ରାଜ ଓ ନବୀନ ରାଜର ବେଳକାଳ ସରିଆସୁଛି। ଶ୍ରୀ ପଟ୍ଟନାୟକ ଦୁନିଆରେ ଘଟିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାବଳୀର ଉଦାହରଣ ଦେଇ କହିଥିଲେ ଯେ ଓଡ଼ିଆ ଲୋକ ବହୁ ଅସମ୍ଭବ କଥାକୁ ସମ୍ଭବ କରିଛଁ। ଉଦାହରଣସ୍ୱରୂପ ୧୨ ବର୍ଷର ଧର୍ମପଦ କୋଣାର୍କ ମୁଣ୍ଡିମାରିବା ଘଟଣା, ୧୨ ବର୍ଷର ବାଜି ରାଉତର ବିରତ୍ୱ କଥା ସମସ୍ତେ ଜାଣଁ। ଏଣୁ ଏହି ଭ୍ରଷ୍ଟାଚାରୀ ଶାସନକୁ କ୍ଷମତାଚ୍ୟୁତ କରିବା ବଡ଼କଥା ନୁହେଁ। ନବୀନ ସରକାର ଏ ରାଜ୍ୟରେ ଚାଷୀ, ଯୁବକ, ଛାତ୍ର, ମହିଳା, ଓବିସି, ଆଦିବାସୀ ଓ ଦଳିତ ସମସ୍ତ ବର୍ଗଙ୍କୁ ଉପେକ୍ଷା କରିଛଁ। ନିର୍ବାଚନ ଅତି ନିକଟତର। ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟକରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ରାଉତ, ସୁରେଶ କୁମାର ରାଉତରାୟ, ତାରା ପ୍ରସାଦ ବାହିନୀପତି, ସଂ୍ୋଷ ସିଂ ସାଲୁଜା, ସପ୍ତଗିରି ଉଲ୍ଲାକା, ଶିବାନନ୍ଦ ରାୟ, ରମେଶ ଜେନା, ରାଜନ ଏକ୍କା, ଅଧିରାଜ ମୋହନ ପାଣିଗ୍ରାହୀ, ଦାସରଥି ଗମାଙ୍ଗୋ, ରଣଜିତ ପାତ୍ର, ୟାସିର ନୱାଜ, ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ମହାପାତ୍ର, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ,ସଂଜୀବ ଗିରି, ହେମ' ଦାସ ପ୍ରମୁଖ ଅନ୍ୟାନ୍ୟ ଜିଲ୍ଲା କଂଗ୍ରେସ ସଭାପତି, ବ୍ଲକ କଂଗ୍ରେସ ସଭାପତ, ନଗର କଂଗ୍ରେସ ସଭାପତି ପ୍ରମୁଖ ତୃଣମୂଳସ୍ତରର ସଂଗଠନ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ।

## କଟକରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରସିଦ୍ଧ ଶୈବ ପୀଠ ବାବା ଧବଳେଶ୍ୱରଙ୍କ କଲେ ଦର୍ଶନ



କଟକ,୭ ।୧(ପି.ଏନ): ଓଡିଶା ଗସ୍ତର ଦ୍ୱିତୀୟ ଦିନରେ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ସକାଳୁ ବାବା ଧବଳେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଛନ୍ତି ଅଶ୍ୱିନୀ । ମନ୍ଦିର ଗର୍ଭ ଗୃହରେ ସେ ଦର୍ଶନ କରିବା ସହ ବେଢ଼ା ପରିକ୍ରମା କରିଥିଲେ । ତାଙ୍କ ସହ ମନ୍ଦିରରେ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରାଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ଟିଏମ୍‌ସି ନେତାଙ୍କୁ ଦିନ ଦ୍ୱିପହରେ ଗୁଳି କରି ହତ୍ୟା



ଭୁବନେଶ୍ୱର,୭ ।୧(ପି.ଏନ):ବିଚ୍ ରାସ୍ତାରେ ତୃଣମୂଳ କଂଗ୍ରେସ ନେତାଙ୍କୁ ଗୁଳି କରି ହତ୍ୟା। ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲା ବହରାମପୁରରେ ରବିବାର ଦିନ ଦ୍ୱିପହରେ ଏହି ଗୁଳିକାଣ୍ଡ ଘଟିଛି। ଏହାକୁ ନେଇ ଚାରିଆଡେ ହଇଚ଼ଇ ସୃଷ୍ଟି ହୋଇଯାଇଛି। ଲୋକସଭା ନିର୍ବାଚନ ପୂର୍ବରୁ ଜଣେ ସକ୍ରିୟ ଟିଏମ୍‌ସି ନେତା ସତ୍ୟେନ ଚୌଧୁରୀଙ୍କୁ କିଛି ଦୁର୍ବୃତ୍ତ ବାଇକରେ ଆସି ପଏଣ୍ଟ ବ୍ଲାଙ୍କରେ ଗୁଳିମାଡ କରିଛନ୍ତି। ଗୁଳିମାଡ ପରେ ତୁରନ୍ତ ଟିଏମ୍‌ସି ନେତାଙ୍କୁ ଗୁରୁତର ଅବସ୍ଥାରେ ବହରାମପୁର ମୁର୍ସିଦାବାଦ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି।

### କମିଶନରେଟ୍ ପୋଲିସର ଅଭିନବ ପ୍ରୟାସ: ଚୋର ଧରେଇ ନେଇଯାଅ ୧୦ ହଜାର ଟଙ୍କାର ପୁରସ୍କାର

ଭୁବନେଶ୍ୱର,୭ ।୧(ପି.ଏନ): ଏଣିକି ଆପାର୍ଟମେଣ୍ଟ ଲୁଟେରାଙ୍କୁ ଧରିବା ହେବ ସହଜ । ସେଥିପାଇଁ କମିଶନରେଟ ପୋଲିସର ଅଭିନବ ପ୍ରୟାସ । ରାଜଧାନୀରେ କାନ୍ଥବାଡ଼ରେ ଲଗାଗଲା ମୋଷ୍ଟ ୱାଣ୍ଟେଡ ଲୁଟେରାଙ୍କ ପୋଷ୍ଟର । ଚୋର ତଥା କୁଖ୍ୟାତ ଲୁଟେରାଙ୍କୁ ଧରିବାକୁ ଲୋକଙ୍କ ସାହାଯ୍ୟ ଲୋଡ଼ିଛି କମିଶନରେଟ ପୋଲିସ । ଚୋର ଧରାଇ ଦେଲେ କମିଶନରେଟ ପୋଲିସ ପକ୍ଷରୁ ଦିଆଯିବ ୧୦ ହଜାର ଟଙ୍କାର ପୁରସ୍କାର କିନ୍ତୁ ଗୋପନ ରହିବ ସୂଚନାକାରୀଙ୍କ ତଥ୍ୟ ।

## ରାୟଗଡ ଜିଲାର ୧୧ଟି ବ୍ଲକରେ "ଜୟ ଜଗନ୍ନାଥ ଅର୍ପଣ ରଥ"ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ



ରାୟଗଡା ,୭ ।୧(ପି.ଏନ): ପୁରୀ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖ ଦିନ ଲୋକାର୍ପଣ ହେବ । ଶ୍ରୀ ଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାୟଗଡା ଜିଲାର କ୍ଷ କୋଲନରା ବ୍ଲକ କାର୍ଯ୍ୟକ୍ରମ ରେ ଶ୍ରୀଯୁକ୍ତ ଜଗନ୍ନାଥ ସାରକା,ମାନ୍ୟବର ମନ୍ତ୍ରୀ, ଅନୁସୂଚିତ ଜାତି, ଜନଜାତି କଲ୍ୟାଣ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ବିକାଶ, ଆଇନ ବିଭାଗ, ସୁଧୀର ଦାସ, ଉପଦେଷ୍ଟା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯାଜନକ୍ଷ, ଜିଲ୍ଲାପରିଷଦ ଅଧକ୍ଷା, ସୁଶ୍ରୀ ସରସ୍ୱତୀ ମାଝୀ,ଅଧକ୍ଷ ପଂଚାୟତ ସମିତି, ପଂଚାୟତ ପ୍ରତିନିଧି ପ୍ରମୁଖ ଯୋଗଦାନ କରି ପତାକା ଦେଖାଇ ଶୁଭରମ୍ଭ କରିଥିଲେ କ୍ଷ କଲାନାରା ବ୍ଲକର ୫ଟି ରଥ ବୁଲି ଭବ୍ୟ ପରିବେଶ ମଧରେ ଚାଉଳ ଗୁଆ ସଂଗ୍ରହ କରିବ । ରାୟଗଡା ବ୍ଲକରେ ଅଧକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନୁସୂୟା ମାଝୀ, ବ୍ଲକ ଅଧକ୍ଷା ଟୁନି ହୁଇକା, ଅନ୍ୟାନ୍ୟ ଜନପ୍ରତିନିଧି, କର୍ମଚାରୀ, ବିଡ଼ିଓ ଅମୁଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହି ରଥ ଉଦଘାଟନ କରିଥିଲେ କ୍ଷ ରାୟଗଡା ବ୍ଲକର ୪ଟି ରଥ ପରିକ୍ରମା କରୁଛି ଓ ଏହା ଭବ୍ୟ ପରିବେଶ ସୃଷ୍ଟି କରୁଛି । ଗୁଣୁପୁର ବ୍ଲକରେ ମାନ୍ୟବର ବିଧାୟକ ରଘୁନାଥ ଗମାଙ୍ଗ ଓ ଅନ୍ୟାନ୍ୟ ଜନପ୍ରତିନିଧି ମନେ ଯୋଗଦେଇ ରଥ ଶୁଭାରମ୍ଭ କରିଥଲେ ।ଏହା ସହିତ ଜିଲାର ଗୁଡାରି, ବିଷମ କଟକ, ମୁନିଗୁଡା, ରାମନାଗୁଡ଼ା, ପଦ୍ମପୁର ଓ କାଶୀପୁର, କଲ୍ୟାଣ ସିଂପୁର ବ୍ଲକରେ ଆଜି ଭାବ୍ୟରଥ ପରିକ୍ରମା କରିଥିଲା ସମ୍ପୃକ୍ତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲୋକ ପ୍ରତିନିଧି ଓ ଜନସାଧାରଣଙ୍କର ଉପସ୍ଥିତିରେ ଭକ୍ତି ଭାବ, ଉତ୍ସାହର ସହିତ ରଥ ଘର ଘର ପରିକ୍ରମା କରିଛି । ଲୋକ ମାନେ ପୂଜା ଅର୍ଚ୍ଚନା ପୂର୍ବକ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ । କଳସରେ ଲୋକ ମାନେ ଚାଉଳ ଓ ଗୁଆ ପ୍ରଦାନ କରି ଶୁଭ ମନାସିଛନ୍ତି ।

## ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ପୁରୀ ଜିଲ୍ଲା ଛାତ୍ର ଓ ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ



ପୁରୀ,୭ ।୧(ପି.ଏନ): ପୁରୀ ଜିଲ୍ଲା ଛାତ୍ର ଓ ମହିଳା କଂଗ୍ରେସ ପକ୍ଷରୁ ପୁରୀ ଆଚାର୍ଯ୍ୟ ହରିହର ଛକ ନିକଟସ୍ଥ ଗୋପାଳ ବଲ୍ଲଭ ରୋଡ଼ ପାଖରେ ଥିବା ଏକ ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ବିକ୍ଷୋଭ ପ୍ରଦାନ କରିଛି । ସ୍ଥାନୀୟ ଅଞ୍ଚଳରେ ମଦ ବିକ୍ରି ଦ୍ୱାରା ଅଞ୍ଚଳ ବାସୀ ପ୍ରଭାବିତ ହେଉଥିବା ବେଳେ ବିଭିନ୍ନ ସମୟରେ ବିଭିନ୍ନ ଅଭିଯୋଗ ନଜରକୁ ଆସିଛି । ମଦ ଦୋକାନ ନିକଟରେ ଏକ ହୋମିଓ ପାଥି ଡାକ୍ତର ଖାନା ଥିବା ସତ୍ୱେ ସରକାରୀ ନିୟମକୁ ଉଲଂଘନ କରି କିଭଳି ମଦ ଦୋକାନ ଖୋଲିଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଶାସନ ପକ୍ଷରୁ ମଦ ଦୋକାନକୁ ବନ୍ଦ କରିବା ଏବଂ ଉଚ୍ଛେଦ କରିବା ନେଇ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିବା ବେଳେ ମଦ ଦୋକାନ ହୋଇଥିବା ଜମି ବିବାଦୀୟ ଥିବା ଅଭିଯୋଗ ଆସିଛି । ବିବାଦୀୟ ଜମିରେ କିଭଳି ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ କରାଯାଇଛି ତାହାକୁ ନେଇ ଯୁବ ଓ ଛାତ୍ର କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପଟେ ପୂର୍ବତନ କାଉନସିଲର ମଧ ଏହି ମଦ ଦୋକାନକୁ ବନ୍ଦ ନେଇ ଦାବି କରିଥିବା ବେଳେ ଆଜି ଦୋକାନ ସମ୍ମୁଖରେ ତୀବ୍ର ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବିରୋଧକାରୀଙ୍କୁ ବୁଝାସୁଝା କରିଥିବା ଜଣାପଡିଛି ।

## ଦୁଇ ବାଇକ ମୁହାଁମୁହିଁ: ଚାଲିଗଲା ଜଣଙ୍କର ଜୀବନ

ଭଦ୍ରକ,୭ ।୧(ପି.ଏନ): ବାସୁଦେବପୁରରୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିବା ଖବର ସାମ୍ନାକୁ ଆସିଛି । ଏହି ଦୁର୍ଘଟଣାରେ ଦୁଇଟି ବାଇକ ମୁହାଁମୁହିଁ ଭାବେ ଧକ୍କା ହୋଇଛନ୍ତି । ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି । ଜଣେ ଗୁରୁତରଙ୍କୁ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାଟି ବାସୁଦେବପୁର ଜାମୁଝାଡି ମଖାଲପୁଇ ନିକଟରେ ଘଟିଛି । ଦୁର୍ଘଟଣା ଘଟିବା ମାତ୍ରେ ସ୍ଥାନୀୟ ଲୋକେ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରିଥିଲେ । ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।









# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁନ୍ଦି’ ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡେଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା


ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।


# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ଶ୍ରୀଗୁରୁଜୀଙ୍କ ରାଷ୍ଟ୍ର ଚିନ୍ତନ



ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘଚାଳକ ଶ୍ରୀ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ) ଦୀର୍ଘ ୩୩ ବର୍ଷ କାଳ ସଂଘର ମୁଖ୍ୟ ରୂପେ କାର୍ଯ୍ୟ କରି ୧୯୭୩ ମସିହା ଜୁନ ମାସ ୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କର ଯେଉଁ ମହାନ ବ୍ୟକ୍ତିତ୍ୱ ଥିଲା, ତାଙ୍କ ମୃତ୍ୟୁ ପରେ ବିଶିଷ୍ଟ ବ୍ୟକ୍ତିମାନେ ଯେଉଁପରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି, ସେଥିରୁ ତାହା ପ୍ରତୀୟମାନ ହେଉଛି। ତାଙ୍କର ମୃତ୍ୟୁ ସମ୍ବାଦ ଶୁଣି ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ "ଶ୍ରୀଗୁରୁଜୀଙ୍କଠାରେ ଲେଶମାତ୍ର ସଂକୀର୍ଣ୍ଣତା ନଥିଲା। ସେ ସର୍ବଦା ବିଶୁଦ୍ଧ ରାଷ୍ଟ୍ରୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଥିଲେ। ସେ ଇସଲାମ ଓ ଖ୍ରୀଷ୍ଟିଆନ ଆଦି ଅନ୍ୟ ଧର୍ମକୁ ଅତ୍ୟନ୍ତ ଆଦର କରୁଥିଲେ। ସମସ୍ତେ ଭାରତୀୟ ଓ ଏ ଦେଶରୁ କେହି ଭିନ୍ନ ନୁହଁନ୍ତି ବୋଲି କହୁଥିଲେ।" ପୁରୀର ତତ୍କାଳୀନ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଶ୍ରୀ ନିରଞ୍ଜନ ତୀର୍ଥଦେବ କହିଥିଲେ-"ଶ୍ରୀଗୁରୁଜୀ ଶୁଭ୍ର ବସ୍ତ୍ର ପରିଧାନ କରିଥିବା ଜଣେ ସନ୍ନ୍ୟାସୀ ଥିଲେ।" ଜୈନ ମୁନି ସୁଶୀଲ କୁମାର କହିଥିଲେ-"ଶ୍ରୀ ଗୁରୁଜୀ ଥିଲେ ସଂସ୍କୃତିର ମହାମାନବ।" ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଥିଲେ-"ସଂସଦର ସଦସ୍ୟ ନଥିବା ଜଣେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀ ଗୋଲୱାଲକରଙ୍କ ବିୟୋଗରେ ମୁଁ ମର୍ମାହତ। ସେ ବିଦ୍ୱାନ ଓ ଶକ୍ତିଶାଳୀ ଆସ୍ଥା ରଖିଥିବା ବ୍ୟକ୍ତି ଥିଲେ। ନିଜର ପ୍ରଭାବୀ ବ୍ୟକ୍ତିତ୍ୱ ଓ ନିଜର ଚିନ୍ତାଧାରା ପ୍ରତି ପ୍ରଗାଢ଼ ନିଷ୍ଠା ଯୋଗୁଁ ରାଷ୍ଟ୍ର ଜୀବନରେ ତାଙ୍କର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା।" ସମାଜବାଦୀ ନେତା ସମର ଗୁହ କହିଥିଲେ-"ତାଙ୍କର ରାଷ୍ଟ୍ରକାର୍ଯ୍ୟରେ ଦେଶଭକ୍ତି, ସମର୍ପଣ ଓ ସେବା ଭାବନାରେ ପ୍ରେରିତ ହୋଇ ଆଜି ହଜାର ହଜାର ଯୁବକ କାର୍ଯ୍ୟରତ ଅଛନ୍ତି।" ଅକାଳୀ ଦଳ ନେତା ଜଥେଦାର ସନ୍ତୋଷ ସିଂହ କହିଥିଲେ-"ଶ୍ରୀଗୁରୁଜୀ ଜଣେ ମହାପୁରୁଷ ଥିଲେ। ତାଙ୍କ ପରି ବ୍ୟକ୍ତି ଅମର ହୁଅନ୍ତି। ତାଙ୍କର ଦେହାବସାନରେ ଶିଖ ସମ୍ପ୍ରଦାୟର ପ୍ରଭୂତ କ୍ଷତି ହୋଇଛି।" ଜୟପ୍ରକାଶ ନାରାୟଣ କହିଥିଲେ- "ଶ୍ରୀଗୁରୁଜୀ ଜଣେ ଆଧ୍ୟାତ୍ମିକ ବିଭୁତି ଥିଲେ। ତାଙ୍କର ରାଷ୍ଟ୍ରୀୟତା ଜାଗରଣରେ ହଜାର ହଜାର ନବଯୁବକ ଆଜି ପ୍ରଭାବିତ ହୋଇଛନ୍ତି।" ବିଶିଷ୍ଟ କଂଗ୍ରେସୀ ନେତା ହାଫିଜୁଦ୍ଦିନ୍ କୁରେଶୀ କହିଥିଲେ-"ସେ ବାସ୍ତବରେ ଜଣେ ମହାପୁରୁଷ ଥିଲେ। ସେ କଦାପି ମୁସଲମାନ ବିରୋଧୀ ନଥିଲେ। ସଂଘ କଦାପି ମୁସଲମାନ ବିରୋଧୀ ସଙ୍ଗଠନ ନୁହେଁ। ଏହା ଏକ ଭ୍ରମାତ୍ମକ ପ୍ରଚାର।"


ରାଷ୍ଟ୍ର ଓ ରାଷ୍ଟ୍ରୀୟତା ଆଦି ଅବଧାରଣା ସମ୍ବନ୍ଧରେ ଶ୍ରୀଗୁରୁଜୀଙ୍କ ବିଚାର ମୌଳିକ ଓ କାଳୋଚିତ। ତାଙ୍କ ମତରେ ରାଷ୍ଟ୍ର ନିର୍ମାଣର ତିନୋଟି ସର୍ତ୍ତ ରହିଛି। ପ୍ରଥମରେ ନାଗରିକମାନେ ରାଷ୍ଟ୍ରର ଅଧିବାସୀ ଓ ସେ ରାଷ୍ଟ୍ର ଅର୍ଥାତ୍ ଭୂମି ପ୍ରତି ସମ୍ମାନ ଓ ଆଦର ଭାବନା ପୋଷଣ କରିବା ଆବଶ୍ୟକ। ଦ୍ୱିତୀୟରେ ଇତିହାସରେ ଘଟିଥିବା ଘଟଣା ପ୍ରତି ସେମାନଙ୍କ ମନରେ ସମାନ ଭାବନା ଥିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମାନ ଶତ୍ରୁ-ମିତ୍ର ଭାବନା ରହିବା ଆବଶ୍ୟକ। ଏ ଦେଶ ଉପରେ ଆକ୍ରମଣକାରୀ, ଏ ଦେଶର ଶତ୍ରୁ, ସେ ମୋର ମଧ୍ୟ ଶତ୍ରୁ । ଏ ଦେଶର ନିର୍ମାଣରେ ଯେଉଁମାନଙ୍କର ଯୋଗଦାନ ରହିଛି ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଭାବନା ପୋଷଣ କରିବା। ତୃତୀୟ ମହତ୍ୱପୂର୍ଣ୍ଣ ସର୍ତ୍ତ ହେଲା- ରାଷ୍ଟ୍ରର ଏକ ସଂସ୍କୃତି ଅଛି, ତାହାକୁ ସମସ୍ତେ ସ୍ୱୀକାର କରିବା। ଶ୍ରୀଗୁରୁଜୀ ତାଙ୍କର ଅନେକ ଭାଷଣରେ ଏହି ତିନୋଟି ସର୍ତ୍ତଗୁଡ଼ିକର ଭିନ୍ନ ଭିନ୍ନ ସନ୍ଦର୍ଭରେ ବିବେଚନା କରି ରାଷ୍ଟ୍ର ଓ ରାଷ୍ଟ୍ରୀୟତାର ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ-"ଏହି ଭାରତ ଏକ ଅଖଣ୍ଡ ବିରାଟ ରାଷ୍ଟ୍ରପୁରୁଷର ଶରୀର। ଆମେ ସମସ୍ତେ ଏହାର ଛୋଟ ଛୋଟ ଅବୟବ। ଅବୟବ ପରି ଆମେ ପରସ୍ପର ମଧ୍ୟରେ ଅଙ୍ଗାଙ୍ଗୀ ପ୍ରେମଭାବ ଧାରଣ କରି ରାଷ୍ଟ୍ର ଶରୀରକୁ ଅଖଣ୍ଡ ଓ ସୁଦୃଢ଼ ରଖିପାରିବୁ।"

କେତେଜଣ ବୁଦ୍ଧିଜୀବୀ ବୌଦ୍ଧିକ ତର୍କ ଦ୍ୱାରା କହନ୍ତି, ଏହି ଦେଶ ଏକ ଅଚେତନ, ବିସ୍ତାରିତ ଜଡ଼ ଭୂଖଣ୍ଡ ମାତ୍ର। ତାଙ୍କୁ ଉତ୍ତର ଦେଇ ଶ୍ରୀଗୁରୁଜୀ କହୁଥିଲେ- "ବୌଦ୍ଧିକ ତର୍କର ମଧ୍ୟ ସୀମା ଥାଏ। ଉଦାହରଣସ୍ୱରୂପ ମନୁଷ୍ୟ ଶରୀର ମଧ୍ୟ ଭୌତିକ। ଆମର ମାତାର ଶରୀର ମଧ୍ୟ ଭୌତିକ, ଅନ୍ୟ ନାରୀର ଶରୀର ମଧ୍ୟ ସେତିକି ଭୌତିକ। ତେବେ ବ୍ୟକ୍ତି କାହିଁକି ଅନ୍ୟ ନାରୀଠାରୁ ନିଜ ମା'କୁ ଭିନ୍ନ ବୋଲି ମାନ୍ୟତା ଦିଏ ? କାରଣ ମା' ପ୍ରତି ସମ୍ମାନ ଓ ଭକ୍ତିଭାବ ଜାଗ୍ରତ ହୋଇଥାଏ।

ଠିକ୍ ସେହିପରି ଏହି ଭୂମିକୁ ଆମେ ମାତା ରୂପେ ଆଦର କରିଥାଉ। ଏଣୁ ଭାରତ ମାତାକୀ ଜୟ ଓ ବନ୍ଦେ ମାତରମ୍ କହିବାରେ ଆମେ ଗର୍ବ ଅନୁଭବ କରିଥାଉ। ଯେଉଁମାନେ ବନ୍ଦେ ମାତରମ୍‌କୁ ବିରୋଧ କରୁଛନ୍ତି, ସେମାନଙ୍କୁ ରାଷ୍ଟ୍ରୀୟ କାହିଁକି କୁହାଯିବ? ଯେତେବେଳେ ଆମେ ଏହି ଭୂମିର ସନ୍ତାନ ବୋଲି କହିଥାଉ ସେତେବେଳେ ଏହି ଭୂମି ସମ୍ବନ୍ଧରେ ଆମର ଜ୍ଞାନ ରହିବା ଆବଶ୍ୟକ। ଆମେ ସମସ୍ତେ ଏହି ଭୂଖଣ୍ଡର ଅଧିବାସୀ। ଏହା ଆମର ମାତୃଭୂମି। ଆମେ ସମସ୍ତେ ଏହାର ପୁତ୍ର ବା କନ୍ୟା। ଆମେ ଶ୍ରଦ୍ଧାପୂର୍ବକ ବନ୍ଦେ ମାତରମ୍ ଗାନ ଗାଇଥାଉ। ଏହି ବିଶିଷ୍ଟ ରାଷ୍ଟ୍ରଗାନ ପ୍ରତି ଆମ ସମସ୍ତଙ୍କ ଅନ୍ତଃକରଣରେ ଆଦର ଓ ସମ୍ମାନ ଭାବ ରହିଛି। ଏହି ଗୀତ ଆମର ନେତୃବୃନ୍ଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସର୍ବସ୍ୱ ତ୍ୟାଗ କରିବାର ପ୍ରେରଣା ଦେଇଥିଲା। ଏହି ମନ୍ତ୍ର ଗାନ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଫାଶୀଖୁଣ୍ଟରେ ଝୁଲିଥିଲେ। ହାତରେ ଗୀତା ଓ କଣ୍ଠରେ ବନ୍ଦେ ମାତରମ୍ ଗାନ କରି ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ହୋଇଛି। ଏହି ବଳିଦାନ ପରିଣାମ ସ୍ୱରୂପ ଆମେ ସ୍ୱାଧୀନତା ପାଇଲୁ ଓ ଇଂରେଜମାନେ ବିତାଡ଼ିତ ହୋଇଥିଲେ। ଆମେ ସ୍ୱରାଜ୍ୟ ହାସଲ କଲୁ ଓ ଆଜି ଆମେ ସ୍ୱାଧୀନତା ଉପଭୋଗ କରୁଛୁ। କିନ୍ତୁ ଆମ ଦେଶର ଦୁର୍ଭାଗ୍ୟ ଯେ ଏପରି କେତେ ଜଣ ବ୍ୟକ୍ତି ଅଛନ୍ତି, ସେମାନେ ବନ୍ଦେ ମାତରମ୍ ଗାନ କରିବାକୁ କୁଣ୍ଠାବୋଧ କରୁଛନ୍ତି। କିନ୍ତୁ ଯେ ସହର୍ଷ ଏହି ରାଷ୍ଟ୍ରଗାନ କରିବ ସେ ଏହି ରାଷ୍ଟ୍ରର ପୁତ୍ର ରୂପ ସମାଜ। ସେ ହିନ୍ଦୁ କିମ୍ବା ମୁସଲମାନ କିମ୍ବା ଯେଉଁ ଧର୍ମର ହୋଇଥାଉ, ସମସ୍ତେ ବନ୍ଦେ ମାତରମ୍ ଗାନ କରିବା ଆବଶ୍ୟକ। ଏଣୁ ସମସ୍ତେ ଏ ଦେଶକୁ ମାତୃଭୂମି ରୂପେ ସ୍ୱୀକାର କରି ଏହାକୁ ଭକ୍ତି ଓ ସମ୍ମାନ କରନ୍ତୁ ଏବଂ ଏହାର ମହିମା ସହର୍ଷ ଗାନ କରନ୍ତୁ। ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଏହା ପ୍ରଥମ ସର୍ତ୍ତ।

ଶ୍ରୀଗୁରୁଜୀ କହିଛନ୍ତି-ରାଷ୍ଟ୍ରୀୟତା ପାଇଁ ମାନସିକ ନିଷ୍ଠା ଏପରି ଏକ ତତ୍ତ୍ୱ, ଯାହାକୁ ସମ୍ପୂର୍ଣ୍ଣ ସଂସାର ସ୍ୱୀକାର କରେ। ରାଷ୍ଟ୍ର ଜୀବନରେ ଏକୀକରଣ, ଉତ୍ଥାନ ଓ ଗୌରବ ସମ୍ପାଦନ କରିବାରେ ସମର୍ଥ ଶାଶ୍ୱତ ସ୍ରୋତଗୁଡ଼ିକୁ ଶ୍ରୀଗୁରୁଜୀ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ପ୍ରଥମରେ ଅନାଦି ଅନନ୍ତ କାଳରୁ ଆମେ ଆମ ଦେଶକୁ ପବିତ୍ର ମାତୃଭୂମି ରୂପେ ସ୍ୱୀକାର କରୁଛୁ। ତା'ପ୍ରତି ଜ୍ୱଳନ୍ତ ଭକ୍ତି ଭାବନାର ଜାଗରଣ ହିଁ ସର୍ବପ୍ରଥମ ଆବଶ୍ୟକତା। ଦ୍ୱିତୀୟରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସହଯୋଗ ଓ ଭ୍ରାତୃତ୍ୱର ଭାବନା ଜାଗରଣ ହେବା ଆବଶ୍ୟକ। ଆମେ ଏକ ମହାନ ମାତାର ସନ୍ତାନ, ଏହି ଅନୁଭୂତି ଦ୍ୱାରା ଏପରି ଭାବନା ସୃଷ୍ଟି ହୋଇଥାଏ। ତୃତୀୟରେ ଜାତୀୟ ଜୀବନର ସମାନ ଧାରା ସମ୍ବନ୍ଧରେ ତୀବ୍ର ଚେତନାବୋଧ ରଖିବା। ଏ ଚେତନା ସମାନ ସଂସ୍କୃତି, ସମାନ ଇତିହାସ, ସମାନ ପରମ୍ପରା, ସମାନ ଆଦର୍ଶ, ସମାନ ଶ୍ରଦ୍ଧାକେନ୍ଦ୍ର ଓ ସମାନ ଆକାଙ୍କ୍ଷାରୁ ଉତ୍ପନ୍ନ ହୋଇଥାଏ। ଏହି ତ୍ରିଗୁଣାତ୍ମକ ମୂଲ୍ୟବୋଧଗୁଡ଼ିକୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣ ସ୍ୱୀକାର କରିବା ଆବଶ୍ୟକ। ଏହାଦ୍ୱାରା ରାଷ୍ଟ୍ରୀୟତାର ଜାଗରଣ ହେବ। ଏହି ରାଷ୍ଟ୍ରୀୟତା ଜାଗରଣ ହିଁ ଆମ ରାଷ୍ଟ୍ର ମନ୍ଦିରର ଭିତ୍ତିପ୍ରସ୍ତର।

# ସିପିଆଇ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି .ପି. ଆଇ.)ର ପରିବର୍ଦ୍ଧିତ ବୈଠକ ସାଥି ସୋହାନା ବେଗମଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦେଶ ପାଇଁ ଶହୀଦ ହୋଇଥିବା ବଳିୟାନ ସାଥିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ ପାର୍ଟିର ଜିଲ୍ଲା ସମ୍ପାଦକ ସାଥି ରମଣୀ ରଞ୍ଜନ ରାଉତରାୟ ବିଗତ ଦିନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ ସହିତ ଆଗାମୀ ଦିନରେ ଜିଲ୍ଲାର ପ୍ରକୃତ ବିକାଶ ପାଇଁ ସି. ପି. ଆଇ. ବ୍ୟାପକ ଭାବେ ଲଢେଇ କରିବ ବୋଲି ଆହ୍ୱାନ ଦେଇଥିଲେ। ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲାରେ ତୁରନ୍ତ ରାଜ୍ୟ ସରକାର ଘୋଷଣା କରିଥିବା ମିତଲ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସେ ଦାବି କରିଥିଲେ। ଖାଲି ନିର୍ବାଚନି ବାଣ ନକରି ପୂର୍ବ ଘୋଷିତ ବିଦ୍ୟୁତ ପ୍ଲାଣ୍ଟ ଅଳାଇଲୋରେ ପ୍ରତିଷ୍ଠା କରାଯିବା, ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା କରାଯିବାକୁ ଘୋଣଷା ହୋଇଥିଲେବି ତାହା ହୋଇପାରିଲା ନାହିଁ। ଏହାକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବାକୁ ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ଶ୍ରମିକଙ୍କ ସମସ୍ୟା, ବିଦ୍ୟୁତ ଶୁଳ୍କ ବୃଦ୍ଧି ବିରୋଧରେ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଙ୍ଗଠିତ ହେବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିସହିତ ଆସନ୍ତା ଜୁନ ୧୧ ଓ ୧୨ ଦୁଇଦିନ ଧରି ପାର୍ଟିର ଜିଲ୍ଲା ସମ୍ମିଳନୀ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ସାଥି ଆଶିଷ କାନୁନଗୋ ଉଦଘାଟନ କରିବେ। ଏହି ପ୍ରସ୍ତୁତି ବୈଠକରେ ସହ ସମ୍ପାଦକ ଆଦିକନ୍ଦ ରାଉଳ, ପୂର୍ବତନ ସଂପାଦକ ବାବାଜୀ ଧଳ, ମାର୍ଶାଘାଇ- ମହାକାଳପଡା ଜୋନ ସଂପାଦକ ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ବାରିକ, ପ୍ରଦୀପ ବେହେରା, ଦାମୋଦର ମଳିକ, ଉମେଶ ନାୟକ, ବସନ୍ତ କୁମାର ବାରିକ, ସଞ୍ଜୟ ବସନ୍ତିଆ, ଅକ୍ଷୟ କୁମାର ମଲ୍ଲିକ, ଭଜହରି ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ମିଳନୀ ପାଇଁ ଏକ ଅଭ୍ୟର୍ଥନ କମିଟି ଗଠିତ ହୋଇ ଏହାରେ ଅଧ୍ୟକ୍ଷ ଭାବେ ପ୍ରଫେସର ଅଜୟ ସାମଲଙ୍କ ସମେତ ଅନ୍ୟ ୮୦ ଜଣ ସଭ୍ୟଙ୍କୁ ଚୟନ କରାଯାଇଛି ।

# ଆମ ପରିବେଶ ଓ ଆମ ଜୀବନ

ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି।

ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ: ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି ।

ଏହା ବାଦେ ଆଉ ଦୁଇଟି ପରିବେଶ ଅଛି: ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଖ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍' । ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁରୋଗର କାରଣ।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀ ମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି । ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି।

ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି।

ଏକଥା ସତ୍ୟ ଯେ ମାଟି ବିନା ଜୀବନ ବିପର୍ଯ୍ୟସ୍ତ। ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା-ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦୂଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି।

ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହାପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ। ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ। ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।







# କେନ୍ଦ୍ରାପଡା ହାଇସ୍କୁଲ ୧୯୮୧ ବ୍ୟାଚର ବନ୍ଧୁମିଳନ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଦ୍ୱିତୀୟ ସର୍ବପୁରାତନ ହାଇସ୍କୁଲ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ ମାଟ୍ରିକ ବ୍ୟାଚର ସହପାଠୀମାନଙ୍କର ଏକ ବନ୍ଧୁମିଳନ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ୍ଧୁମିଳନରେ ବ୍ୟାଙ୍କ ଅଧିକାରୀ ଅମିୟକାନ୍ତ ରାଉତ, କେନ୍ଦ୍ରାପଡା ଅର୍ବାନବ୍ୟାଙ୍କ ପରିଚାଳକ ରବୀନ୍ଦ୍ର କୁମାର ପାତ୍ର, ଶିକ୍ଷାବିତ ସେକ ସାହାଜାନ ଖାଁ ପ୍ରମୁଖ ଯୋଗଦେଇ ସେହି ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହ ଆଗାମୀ ଡିସେମ୍ବର ମାସରେ ଏହି ବ୍ୟାଚ ପକ୍ଷରୁ ଏକ ଗୁରୁ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ସହ ସହପାଠୀମାନଙ୍କର ଏକ ଡାଇରେକ୍ଟୋରୀ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବନ୍ଧୁମିଳନରେ ଶ୍ୟାମସୁନ୍ଦର ନାୟକ, ମହମ୍ମଦ ଫାୟାଜ, ଇସ୍ତାଏଲ ଅଲ୍ଲୀ, ଆସଫ ଅଲ୍ଲୀ, ଜୀତେନ୍ଦ୍ର ରାଉତ, ମନୋଜ ନାୟକ, ନବକିଶୋର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଶେଷରେ ଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ହୃଦୟକୁ ବୁଝନ୍ତୁ !

ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ଅତ୍ୟଧିକ ଚିନ୍ତା ଓ ଚାପ ଭିତରେ ବଞ୍ଚୁଥିବା ମଣିଷ ନାନା ପ୍ରକାର ରୋଗର ଶିକାର ହେଉଛି। ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ହୃତ୍‌ପିଣ୍ଡ ଜନିତ ରୋଗରେ ପ୍ରତିବର୍ଷ ବିଶ୍ୱରେ ୧୭.୩ ମିଲିୟନ ଲୋକଙ୍କ ମୃତ୍ୟୁ ଘଟୁଛି। ବିକଶିତ ଦେଶ ତୁଳନାରେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୦ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହୁଅନ୍ତି। ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କାରଣ ବିକାଶଶୀଳ ଦେଶମାନଙ୍କରେ ଟଙ୍କା କମାଇବାର ବ୍ୟସ୍ତତା ଭିତରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତି ନାହିଁ। ତେବେ ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ମେଦବହୁଳତା, ଜଙ୍କଫୁଡ୍ ପ୍ରତି ଆଗ୍ରହତା, ଆଳସ୍ୟପଣ ହେଉଛି ହୃଦ୍‌ରୋଗ ଓ ହୃଦ୍‌ଘାତର ପ୍ରମୁଖ କାରଣ। କିନ୍ତୁ ଲୋକମାନେ ଏହି ଦିଗ ପ୍ରତି ସଚେତନ ନାହାନ୍ତି। ତେଣୁ ବିଶ୍ୱବାସୀଙ୍କୁ ହୃଦ୍‌ରୋଗର କାରଣ ଓ ନିରାକରଣର ଦିଗ ଜଣାଇବା ଏବଂ ସଚେତନ କରିବା ୱାର୍ଲ୍ଡ ହାର୍ଟ ଫେଡେରେସନ ତରଫରୁ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲ୍ଡ ହାର୍ଟ ଡେ ରୂପେ ପାଳନ କରାଯାଏ। ଏହି ଦିନ ହୃଦ୍‌ରୋଗର କାରଣ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ହୃଦ୍‌ରୋଗୀଙ୍କ ଚିକିତ୍ସା କିପରି କରାଯାଇପାରିବ ସେ ସଂକ୍ରାନ୍ତୀୟ ତଥ୍ୟ ବିଶ୍ୱବ୍ୟାପୀ ପ୍ରସାରିତ କରିଥାଏ ଏହି ସଂଗଠନ। ଏହି ସଂଗଠନ ବିଶ୍ୱର ପ୍ରାୟ ୧୦୦ଟି ଦେଶରେ କାର୍ଯ୍ୟ କରୁଛି।

ପ୍ରଥମେ ୧୯୪୬ ମସିହାରେ ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ କାର୍ଡ଼ିଓଲୋଜି ଏବଂ ୧୯୭୦ ମସିହାରେ ଇଣ୍ଟରନ୍ୟାସନାଲ କାର୍ଡ଼ିଓଲୋଜି ଗଠନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ଏହି ଦୁଇ ଅନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ଇଣ୍ଟରନ୍ୟାସନାଲ ସୋସାଇଟି ଆଣ୍ଡ ଫେଡ଼େରେସନ ଅଫ୍ କାର୍ଡ଼ିଓଲୋଜି ଗଠିତ ହେଲା, ଯାହା ୧୯୯୮ ମସିହାରେ ୱାର୍ଲ୍ଡ ହାର୍ଟ ଫେଡେରେସନ ନାମରେ ନାମିତ ହେଲା। ଏହି ସଂଗଠନ ଅନୁନ୍ନତ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ହୃଦ୍‌ରୋଗର ମୂଳୋତ୍ପାଟନ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା। ଏହି ସଂଗଠନକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ହୃଦ୍‌ରୋଗର ମୁକାବିଲା ପାଇଁ ସହଯୋଗ ଯୋଗାଇ ଦିଆଯାଉଛି। ବିଭିନ୍ନ ଦେଶର ପ୍ରାୟ ୨୦୦ ଜଣ ଏହି ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀ ସଂଖ୍ୟା ବଢୁଥିଲେ ମଧ୍ୟ ଏହା କେଉଁଥିପାଇଁ ହେଉଛି ସେଥିପ୍ରତି ଅନେକେ ସଚେତନ ନାହାନ୍ତି। ତେବେ ଏହି ସଂଗଠନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅନୁନ୍ନତ ଦେଶଗୁଡ଼ିକରେ ହୃଦ୍‌ରୋଗର ମୁକାବିଲା କରିବା ପାଇଁ ଥିବା ନୂତନ ଜ୍ଞାନକୌଶଳର ଅଭାବକୁ ଦୂର କରୁଛି ଏହି ସଂଗଠନ। ପ୍ରତିବର୍ଷ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ନାଟକ, ଖେଳ ଆଦି ଅନେକ କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବ୍ୟାପୀ କରାଯାଏ। ପ୍ରତିବର୍ଷ ନୂଆ ନୂଆ ସ୍ଲୋଗାନ ଦେଇ ଏହି ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟକୁ ୱାର୍ଲ୍ଡ ହାର୍ଟ ଫେଡ଼େରେସନ ସଫଳତାର ସହ ତୁଲାଉଛି। ସାଧାରଣରେ ହୃଦ୍‌ରୋଗକୁ ନେଇ ଅନେକ ଲୋକଙ୍କ ଭିତରେ ଏକ ଭୟ ଓ ଆଶଙ୍କାର ବାତାବରଣ ରହିଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଏକ ଉତ୍ତମ ଓ ଯୋଜନାବଦ୍ଧ ଦିନଚର୍ଯ୍ୟା, ବିଶ୍ରାମ, ଖାଦ୍ୟ ଓ ସୁଚିନ୍ତନ ଦ୍ୱାରା ସର୍ବୋପରି ପ୍ରାଥମିକ ଅବସ୍ଥାରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହାକୁ ନେଇ ପରବର୍ତ୍ତୀ ସମୟରେ ଭୟର କୌଣସି କାରଣ ରହିବନାହିଁ। ଆପଣଙ୍କର ଉଚ୍ଚ ରକ୍ତଚାପ ବା ଡାଇବେଟିସ୍ ଥିଲେ ଏହାକୁ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣରେ ରଖନ୍ତୁ। ସୁଷମ ଖାଦ୍ୟ ଭିତରେ ସବୁଜ ପନିପରିବା, ଫଳ ସବୁଠାରୁ ଭଲ। ସେହିପରି ଯୋଗାଭ୍ୟାସ, ପ୍ରାଣାୟାମ, ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ସନ୍ତରଣ, ସାଇକେଲ ଚାଳନା, ପ୍ରାତଃ ଭ୍ରମଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ହୃଦ୍‌ରୋଗ ଜନିତ ସମସ୍ୟାକୁ ନେଇ ମାନସିକ ଭାବେ ଚିନ୍ତିତ ହୁଅନ୍ତୁ ନାହିଁ ବା ଅସ୍ୱସ୍ତି ଅନୁଭବ କରନ୍ତୁ ନାହିଁ। ସେହିପରି ବୃତ୍ତିଗତ ଜୀବନ ବା ଅବସର ଜୀବନ ହେଉ ହୃଦ୍‌ରୋଗ ଆଶଙ୍କାକୁ ନେଇ କୌଣସି ବ୍ୟସ୍ତତା, ଦୁଃଶ୍ଚିନ୍ତା ଓ ହତାଶା ଭାବ ରହିବା କଥା ନୁହେଁ। ନିଜକୁ ହୃଦ୍‌ରୋଗ କ୍ଷେତ୍ରରେ କୌଣସି ଅସ୍ୱସ୍ତିକର ଅନୁଭବ କଲେ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟରେ ଅବସ୍ଥାପିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ, ନିଦାନ ଓ ଚିକିତ୍ସା ଦ୍ୱାରା ଆପଣଙ୍କ ହୃଦୟର ସମସ୍ୟା ଚିନ୍ତାର କାରଣ ପାଲଟିବ ନାହିଁ। ସବୁବେଳେ ମନେରଖିବେ ହୃଦୟକୁ ନେଇ ଆପଣ ଚିନ୍ତା ନକରି ଆପଣ କିପରି ଏକ ଆଦର୍ଶ ଓ ସ୍ୱାସ୍ଥ୍ୟମୟ ଦିନଟି ବିତାଇବେ ତାହା ଚିନ୍ତା କରନ୍ତୁ। ସବୁବେଳେ ସତ୍‌ଚିନ୍ତନ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଏ କ୍ଷେତ୍ରରେ ଏକ ମହୌଷଧି ପରି କାମକରେ।




# ସନାତନୀ ସାଧୁସନ୍ଥଙ୍କ ସୁରକ୍ଷା ନିମନ୍ତେ ସଶକ୍ତ ଆଇନ୍ ଦାବିରେ ବିକ୍ଷୋଭ



ଭୁବନେଶ୍ୱର,(ପି.ଏନ): ଭାରତ ସନାତନୀ ହିନ୍ଦୁ ସଂସ୍କୃତିର ଦେଶ । କିନ୍ତୁ ଏହାକୁ ସାମ୍ବିଧାନିକ ରୂପେ ସିକୁଲାର ଦେଶ ଘୋଷଣା କରାଯାଇଥିବାରୁ ସନାତନୀ ହିନ୍ଦୁ ବିଚ଼ାର ଉପରେ କୌଣସି ଆକ୍ରମଣ ହେଲେ କିମ୍ବା ଆଘାତ ଆସିଲେ ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର ସୁରକ୍ଷା ଦେଇ ନ ଥାଆନ୍ତି । ଯାହାର ସୁଯୋଗ ନେଇ ବିଦେଶୀ ବିଚ଼ାରରେ ପ୍ରଭାବିତ ଗୋଷ୍ଠୀ ସନାତନ ହିନ୍ଦୁ ଧର୍ମର ମାନବିନ୍ଦୁ ସାଧୁସନ୍ଥଙ୍କ ଉପରେ ଅନବରତ ଆକ୍ରମଣ କରି ଆସୁଛନ୍ତି । ଆମ ସଂସ୍କୃତିର ପ୍ରଚ଼ାରକ ତଥା ଏକ ମାନବିନ୍ଦୁ ଆମର ପୂଜ୍ୟ ସାଧୁସନ୍ଥ । ତାଙ୍କରି ଅବଦାନ ପୁଣ୍ୟଭୁମି ଭାରତର ମହାନ ସଂସ୍କୃତି । ସମାଜର ମାର୍ଗଦର୍ଶକ ଏବଂ ଆଦର୍ଶର ବିନ୍ଦୁ ପୂଜ୍ୟ ସାଧୁ ସନ୍ଥ ମାନେ ଆଜି ନିଜ ମାତୃଭୂମିରେ ଅବହେଳିତ, ନିର୍ଯ୍ୟାତିତ, ଲାଞ୍ଛିତ ଏବଂ ଅସୁରକ୍ଷିତ । ଏହି ସନ୍ଥ ମାନଙ୍କୁ ଲୋକଲୋଚ଼ନରେ ଅପମାନିତ ଏପରିକି ମରଣାନ୍ତକ ଆକ୍ରମଣଠାରୁ ବିଭିନ୍ନ ଷଡଯନ୍ତ୍ର ଓ ହତ୍ୟା ପର୍ଯ୍ୟନ୍ତ ସମାଜ ଆଗରେ ଏକ ସାଧାରଣ ବିଷୟ ପାଲଟିଗଲାଣି କ୍ଷ ଏହା ଏକ ସଭ୍ୟ ସମାଜ ପାଇଁ ଚ଼ିନ୍ତା ଓ ଲଜ୍ୟାର ବିଷୟ ।ଏଇ ପବିତ୍ର ଉତ୍କଳମାଟିରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର ନିର୍ମମ ହତ୍ୟା, ମହାରାଷ୍ଟ୍ରର ପାଲଘର ଠାରେ ସ୍ୱାମୀ କଳ୍ପବୃକ୍ଷ ଗିରି ଓ ସୁଶୀଲ ଗିରିଙ୍କ ଭଳି ନିରୀହ ସାଧୁସନ୍ଥଙ୍କ ଷଡଯନ୍ତ୍ର ପୂର୍ବକ ହତ୍ୟା ହେଇଥିଲା ଏବଂ ନିକଟ ଅତୀତରେ ନଭେମ୍ବର ୧୪ ତାରିଖ ଦିନ ଦେବଗିରି କଲ୍ୟାଣସିଂହପୁର ଠାରେ ମହାନ ସଂସ୍କୃତି ରକ୍ଷକ, ସମାଜସେବୀ ପୂଜ୍ୟ ସନ୍ଥ କ୍ରାନ୍ତି ସ୍ୱରୁପାନନ୍ଦଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି କ୍ଷ ବାରମ୍ବାର ଏତାଦୃଶ ଅମାନୁଷିକ, ହୃଦୟବିଦାରକ ଘଟଣାର ପ୍ରତିକାର ସମାଜ ପାଇଁ ନିତାନ୍ତ ଆବଶ୍ୟକ ।ଏଣୁ ସନାତନୀ ସାଧୁସନ୍ଥଙ୍କ ସୁରକ୍ଷା ନିମନ୍ତେ ଜାତୀୟ ସ୍ତରରେ ଏକ ସଶକ୍ତ ଆଇନ୍ ପ୍ରଣୟନ ଦାବିରେ ଆଜି ଓଡ଼ିଶା ବିଧାନସଭା ସମ୍ମୁଖରେ ବିଭିନ୍ନ ସନାତନୀ ହିନ୍ଦୁ ସଙ୍ଗଠନମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ରାଜ୍ୟ ବାହାରୁ ଅନେକ ସାଧୁସନ୍ଥ ଯୋଗ ଦେଇଥିଲେ । ଏଥିରେ ସମର୍ଥନ ଦେଇଥିବା ସଂଘଠନମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ସନାତନ, ଅଖିଳ ଭାରତୀୟ ସନ୍ଥ ସମିତି, ନିଖିଳ ଉତ୍କଳ ମଠ ମନ୍ଦିର ସେବା ସଂଘ, ସନାତନ ସନ୍ଥ ସମାଜ, ଓଡିଶା ସନ୍ଥ ସୁରକ୍ଷା ମିଶନ, ଓଡିଶା ସନ୍ଥ ସୁରକ୍ଷା ସମିତି, ଶ୍ରୀ ପାଞ୍ଚ ଦଶ ନାମା ଜୁନା ଆଖଡ଼ା, ଶ୍ରୀ କ୍ଷେତ୍ର ମଠ ମନ୍ଦିର ସଂଘ, ମୁକ୍ତି ପ୍ରଶିକ୍ଷଣ ବେଦାନ୍ତ ଆଶ୍ରମ, ବିଶ୍ୱ ହିନ୍ଦୁ ପରିଷଦ, ଧର୍ମ ଜାଗରଣ ସମନ୍ୱୟ ,ହିନ୍ଦୁ ମହାସଂଘ ଓଡିଶା, ରାଷ୍ଟ୍ରୀୟ ଜନଜାଗରଣ ମହାସଂଘ, ଗୋପବନ୍ଧୁ ସ୍ୱଚ୍ଛ ସେବା, ନୀଳାଞ୍ଚଳ ସାରସ୍ୱତ ସଂଘ, ଭାରତ ରକ୍ଷା ମଞ୍ଚ, ରାଷ୍ଟ୍ରୀୟ ମାନବାଧିକାର ସଚେତନତା ସଂଘ, ରାଷ୍ଟ୍ରୀୟ ମନ୍ଦିର ସେବକ ସଂଘ, ରାଷ୍ଟ୍ରୀୟ ବଜରଙ୍ଗ ସେନା, ରାଷ୍ଟ୍ରୀୟ ହିନ୍ଦୁ ସଂଘଠନ, ଆନ୍ତରାଷ୍ଟ୍ରୀୟ ବସୁନ୍ଧରା ପରିବାର, ହିନ୍ଦୁ ଏକତା ମଞ୍ଚ , ଭେଟେରାନ୍ସ କ୍ଲବ୍ ଓଡ଼ିଶା, ଜଗନ୍ନାଥ କୀର୍ତନ ମଣ୍ଡଳ, ଶ୍ରୀ ରାମ ଯୁବା ପରିଷଦ, ଧରିତ୍ରୀ ସେବା ସଂସ୍ଥା, ବଜରଙ୍ଗ ଦଳ, ଶିବ ସେନା, ଦେବ ସେନା, ନବ ଭାରତ ହିନ୍ଦୁ ସଂଗଠନ, ରାଷ୍ଟ୍ରୀୟ ଧର୍ମ ହିନ୍ଦୁ ସଂଘଠନ, ଜଗନ୍ନାଥ ଯୁବା ବାହିନୀ, ସୁଦର୍ଶନ ରାଷ୍ଟ୍ରନିର୍ମାଣ ଓଡିଶା, ଅଖଣ୍ଡ ଭାରତ ବ୍ରାହ୍ମଣ ମହାସଂଘ, ଶ୍ରୀ ରାମ ସେବା ସଂଘ , ବିଶ୍ୱ ଗୋ ସୁରକ୍ଷା ବାହିନୀ, ଧର୍ମ ଯୋଦ୍ଧା ସଂଘଠନ, ହିନ୍ଦୁ ରାଷ୍ଟ୍ର ଶକ୍ତି, କଲ୍ୟାଣୀ ଭାରତୀ, ଦାନ ଦକ୍ଷିଣା , ହିନ୍ଦୁ ଜାଗରଣ ମଞ୍ଚ , ଧର୍ମ ଜାଗରଣ ମଞ୍ଚ ଆଦିର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଦିବସରେ ଆମିଷ ଓ ନିଶା ସେବନ ତ୍ୟାଗ ପାଇଁ ଆହ୍ୱାନ

ପାରାଦୀପ,(ପି.ଏନ): ପ୍ରଭୁ ଶ୍ରୀରାମଙ୍କ ଅଯୋଧ୍ୟା ରୁ ଆସି ଥିବା ଅକ୍ଷତକଳସ ଜଗତସିଂପୁର ଜିଲ୍ଲାର ଆଠଟି ବ୍ଲକ ଓ ଦୁଇଟି ପୌର ପରିଷଦରେ ସର୍ବ ମୋଟ ଦଶ ଟି ଅକ୍ଷତ କଳସ ବାଣ୍ଟିଲେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସତସଙ୍ଗ ପ୍ରମୁଖ , ବିଶିଷ୍ଟ ସମାଜସେବୀ ଓ ସୁପରିଚ଼ିତ ଶ୍ରୀ ଜନ୍ନାଥ ସଂସ୍କୃତି ଗବେଷକ ଡ.ଧୃତି ଧର ଦାସ । ଜାନୁଆରୀ ମାସ ୨୨ ତାରିଖରେ ଅଯୋଧ୍ୟା ରେ ପ୍ରଭୁ ଶ୍ରୀ ରାମକର ପ୍ରାଣ ପ୍ରତିଷ୍ଠା ଦିବସରେ ସମସ୍ତ ଜଗତସିଂହପୁର ଜିଲ୍ଲାରେ ସଦାଚ଼ାର ,ଦୀପ ,କଳସ , ପୁଷ୍ପ ସାଜ ସଜା ସହିତ ଉଷ୍ଟବ ମୁଖର ହଉ ବୋଲି କାମନା କରିଛନ୍ତି ଡ଼. ଦାସ । ବିଶେଷ କରି ଏଇ ଦିନରେ ସବୁ ପରିବାର ଆମିଷ, ନିଶା ସେବନ ଠାରୁ ଦୁରେଇ ରହି ଶ୍ରୀ ରାମଚ଼ନ୍ଦ୍ରଙ୍କ ଜୀବନର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ରାମରାଜ୍ୟ ପ୍ରତିଷ୍ଠା କରିବାରେ ସହାୟକ ହେବା ପାଇଁ ଡ. ଦାସ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।



# ଖପ୍ରାଖୋଲ ପୋଲିସକୁ ବଡ଼ ସଫଳତା

ଖପ୍ରାଖୋଲ, (ପିଏନ) :ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ତଥା ପୁନ୍ୟ କ୍ଷେତ୍ର ହରିଶଙ୍କର ମନ୍ଦିର ପରିସରରୁ ଦୁଇ ମାସ ତଳେ ମୋଟର ସାଇକେଲ ଚୋରି ଘଟଣା ରେ ଖପ୍ରାଖୋଲ ପୋଲିସ କୁ ମିଳିଛି ବଡ଼ ସଫଳତା। ଚୋରି ଘଟଣା କୁ ତଦନ୍ତ କରି ପୋଲିସ ତିନିଜଣ କୁ ଅଟକ ରଖି ପଚ଼ରା ଉଚୁରା ପରେ ଦୁଇ ଅଭିଯୁକ୍ତ କୁ ରବିବାର କୋର୍ଟ ଚ଼ାଲାଣ କରିଥିବା ଜଣାଯାଇଛି। ଚୋରୀ ମୋଟର ସାଇକେଲ ମଧ ଉଦ୍ଧାର କରିଥିବା ପୋଲିସ ସୂଚ଼ନା ଦେଇଛି। ସୂଚ଼ନା ଅନୁସାରେ ଗତ ନଭେମ୍ବର ୭ ତାରିଖ ବରଗଡ଼ ଜିଲ୍ଲା ପାଇକମାଳ ଥାନା ମାଡ଼ିଆଧିପା ଗାଁ ର ଇନ୍ଦ୍ରଦ୍ୟୁମ୍ନ ସାହୁ ନିଜ ପରିବାର ସହ ହରିଶଙ୍କର ଆସିଥିବା ବେଳେ ମନ୍ଦିର ତଳେ ମୋଟର ସାଇକେଲ ଷ୍ଟାଣ୍ଡ ରେ ହୋଣ୍ଡା ସାଇନ୍ (ଓଡ଼ି ୧୭ ଭି ୮୯୭୩)ଗାଡ଼ି ରଖି ଝରଣା କୁ ଗାଧୋଇବା କୁ ଯାଇ ଫେରିଲା ବେଳେ ଗାଡ଼ି ନ ଥିବା ଦେଖି ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୨୨୪/୨୩ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣା ର ତଦନ୍ତ ଚ଼ଳାଇଥିଲା। ହେଲେ କୌଣସି ସୂତ୍ରରୁ ଚୋରି ମୋଟର ସାଇକେଲ ଟି ଦମାଇପାଲି ଗାଁ ର ଜଣକ ଘରେ ଥିବା ଜାଣି ଚ଼ଢ଼ାଉ କରି ମୋଟର ସାଇକେଲ ଉଦ୍ଧାର କରି ଥିବା ବେଳେ ଚୋରି ଅଭିଯୋଗରେ ନାନ୍ଦୁପଲା ଗାଁ ର ଜଣେ ନାବାଳକ ସହ ତିନି ଜଣକୁ ଅଟକ କରି ପଚ଼ରା ଉଚୁରା ପରେ ଦୁଇ ଅଭିଯୁକ୍ତ ଦେବାର୍ଚ୍ଚନ ଛତର ଙ୍କ ପୁଅ ତହସିଲ ଛତର (୨୬) ଓ ସମାରୁ ଶଗଡ଼ିଆ ଙ୍କ ପୁଅ ଗିରି ଶଗଡ଼ିଆ (୨୩) କୁ ରବିବାର କୋର୍ଟ ଚ଼ାଲାଣ କରିଥିବା ବେଳେ ନାବାଳକ କୁ ପଚ଼ାର ଉଚ଼ରା ଚ଼ାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ସଡକ ସୁରକ୍ଷା ସପ୍ତାହ ପାଳନ- ୨୦୨୪ ଉଦଯାପିତ

କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ (୧ରୁ ୭ ଜାନୁଆରୀ)-୨୦୨୪ ପାଳନ ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ା ପୌରପରିଷଦ ଟାଉନ୍ ହଲ୍‌ଠାରେ ଜିଲ୍ଲା ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ସଡ଼କ ସୁରକ୍ଷାର ସମସ୍ତ ନିୟମକୁ ମାନିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ସପ୍ତାହ ପାଳନର ଥିମ୍ "ସଡ଼କ ସୁରକ୍ଷା, ପରିବାର ରକ୍ଷା" ଉପରେ ଏକ ସାରଗର୍ଭକ ସମ୍ଭାଷଣ ପ୍ରଦାନ କରିଥିଲେ ଉତ୍ସବର ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଫେସର ନନ୍ଦ କିଶୋର ପରିଡ଼ା। ଏହି ଉପଲକ୍ଷେ ଆୟୋଜିତ ଚିତ୍ରାଙ୍କନ ଓ ସ୍ଲୋଗାନ୍ ପ୍ରତିଯୋଗିତାର କୃତୀ ୧୨ଜଣ ପ୍ରତିଯୋଗୀମାନଙ୍କୁ ନିମନ୍ତ୍ରିତ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଦୁର୍ଘଟଣାର ଗୋଲଡେନ୍ ଆୱାର୍‌ରେ (ଦୁର୍ଘଟଣାର ୧ ଘଂଟା ମଧ୍ୟରେ) ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଡାକ୍ତରଖାନାରେ ପହଂଚାଇ ସେମାନଙ୍କ ଜୀବନ ରକ୍ଷା କରିବାରେ ଗୁରୁ ଦାୟିତ୍ୱ ତୁଲାଇଥିବା ୯ଜଣ ସୁନାଗରିକଙ୍କୁ "ଗୁଡ୍ ସମରିଟାନ୍ ଆୱାର୍ଡ଼" ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଉ ରୀୟ, ପ୍ରମାଣପତ୍ର ଓ ଫାଷ୍ଟଏଡ୍ କିଟ୍ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ସହ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅତିଥିଙ୍କୁ ସଡ଼କ ସୁରକ୍ଷାର ଶପଥପାଠ କରାଇଥିଲେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ। ଏହି ଉତ୍ସବରେ ଡିଆଇପିଆର୍‌ଓ ଆଲୋକ କୁମାର ମହାନ୍ତି, ଏସ୍‌ଡିଆଇପିଆର୍‌ଓ ଅଶୋକ ବଳିଆରସିଂହ, ବିଭିନ୍ନ ସ୍କୁଲ୍ ଓ କଲେଜ୍‌ର ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହାକୁ ସଫଳ କରାଇବାରେ ଜିଲ୍ଲା ପରିବହନ କାର୍ଯ୍ୟାଳୟର ସେକ୍ସନ୍ ଅଫିସର୍ ପ୍ରଭାକର ରାଉତ ଓ କର୍ମଚାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ହେମନ୍ତ କୁମାର ରାଉତ। ଏହି ଉପଲକ୍ଷେ ଆଜି ତିନିମୁହାଣୀଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ସଚେତନା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର। ସ୍କୁଲ କଲେଜ୍ ଛାତ୍ରଛାତ୍ରୀଙ୍କ ସହ ପଟ୍ଟାମୁଣ୍ଡାଇ ସବ୍‌ରେଜିଷ୍ଟ୍ରାର୍ ଅଶୋକ କୁମାର ମହାନ୍ତି, ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକ, କେନ୍ଦ୍ରାପଡ଼ା ଟାଉନ୍ ଥାନା ଆଇଆଇସି ଦିଲ୍ଲିପ କୁମାର ସାହୁ ପ୍ରମୁଖ ସ୍ଲୋଗାନ୍ ଦେଇ ଲୋକମାନଙ୍କୁ ସଚେତନ କରାଇଥିଲେ।

# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା

କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ, ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭି ିକରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨, ୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ



# କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ ପତ୍ରିକା ହାଟ

## ମୃଦୁଳା ଗର୍ଗଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪'



ଭୁବନେଶ୍ୱର,(ପି.ଏନ): ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ', 'କାଦମ୍ବିନୀ ପତ୍ରିକା ହାଟ', କବି-କବିତା କାର୍ଯ୍ୟକ୍ରମ, କୁନାକୁନି ମେଳା ଓ ଶିଶୁ ସାହିତ୍ୟ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଭାରତୀୟ ସାହିତ୍ୟିକା ମୃଦୁଳା ଗର୍ଗଙ୍କୁ ଚଳିତବର୍ଷର ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪ ଏବଂ ବିଶିଷ୍ଟ କଥାକାର, ସମ୍ପାଦକ ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀମତୀ ଗର୍ଗ କହିଲେ, କାଦମ୍ବିନୀ ତଥା କିଟ୍, କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମାଆଙ୍କ ସ୍ମୃତିରେ ଏହି ସମ୍ମାନ ମୋତେ ପ୍ରଦାନ କରାଯାଉଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଜୀବନରେ ଟଙ୍କା ବଡ ନୁହେଁ ହୃଦୟ ବଡ଼। ଆଜି ସମାଜରେ ଭଲ ହୃଦୟର ଲୋକଙ୍କ ଯୋଗୁଁ ଦୁନିଆ ତିଷ୍ଠି ରହିଛି ବୋଲି ସେ କହିଥିଲେ। ଓଡ଼ିଆରେ ଯେତେ ସଂଖ୍ୟକ ଲଘୁ ପତ୍ରିକା ରହିଛି ହିନ୍ଦୀରେ ସେତେ ସଂଖ୍ୟକ ଲଘୁ ପତ୍ରିକା ନାହିଁ। କାଦମ୍ବିନୀ ପକ୍ଷରୁ ଲଘୁ ପତ୍ରିକାସବୁକୁ ପ୍ରୋତ୍ସାହିତ ଓ ଉତ୍ସାହିତ କରାଯିବା ପ୍ରଶଂସନୀୟ କାର୍ଯ୍ୟ ବୋଲି ଶ୍ରୀମତୀ ଗର୍ଗ କହିଥିଲେ। ଶ୍ରୀ ନାୟକ କହିଲେ, ନିଆଁ ଓ ଚକର ଆବିଷ୍କାରଠାରୁ ପରିବର୍ତ୍ତନର ଧାରା ଦେଇ ଆମେ ଆଜି ଆଧୁନିକ ଯୁଗରେ ପହଞ୍ଚିଛୁ। ପରିବର୍ତ୍ତନ ହେଉଛି ଆମ ଜୀବନର ସବୁଠାରୁ ଅପରିବର୍ତ୍ତନୀୟ ନିୟମ। ପରିବର୍ତ୍ତନ ସଭ୍ୟତା ସହ ଜଡ଼ିତ। କିନ୍ତୁ ଯାହା ଆମ ସହିତ ସବୁବେଳେ ରହିଥାଏ ତାହା ହେଉଛି ସଂସ୍କୃତି। ଜୀବନ ସହ ସଂସ୍କୃତି ଜଡ଼ିତ ଏବଂ ଜୀଇଁବା ସହ ସଭ୍ୟତା ଜଡ଼ିତ। ଅଚ୍ୟୁତ ସାମନ୍ତ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ସମନ୍ୱୟ ଆଣିପାରିଛନ୍ତି। ସାହିତ୍ୟ ଓ କଳା ହେଉଛି ଗୋଟିଏ ରାଜ୍ୟର ପଦଚିହ୍ନ। କାଦମ୍ବିନୀ ହେଉଛି ଆମ ରାଜ୍ୟର ପ୍ରତିବିମ୍ବ ନୁହେଁ ପ୍ରତିଧ୍ୱନୀ ବୋଲି ଶ୍ରୀ ନାୟକ କହିଥିଲେ। ଉତ୍ସବର ଅନ୍ୟତମ ଅତିଥି ବିଶିଷ୍ଟ ଲେଖିକା ଅନୀତା ଅଗ୍ନିହୋତ୍ରୀ କହିଲେ, ଛୋଟ ଛୋଟ ପତ୍ରିକା ହେଉଛି ସାହିତ୍ୟର ପ୍ରାଣ। ଭାରତୀୟତା ହେଉଛି ସମସ୍ତ ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ସୁସମ୍ପର୍କ। ପତ୍ରିକାହାଟ ଏକ ଭଲ ପରିକଳ୍ପନା ବୋଲି ସେ କହିଥିଲେ। ଜୀବନରେ କିଛି କରିବାକୁ ହେଲେ ଲୋକଙ୍କ ପାଇଁ କର ବୋଲି ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇ ଚଳଚ୍ଚିତ୍ର ଅଭିନେତା ଅଭୟ ବର୍ମା କହିଥିଲେ। ସେ କହିଲେ, କିଟ୍ ଓ କିସ୍ ବୁଲିବା ପରେ ମୁଁ ଜୀବନର ବାସ୍ତବ ମୂଲ୍ୟ ବୁଝିପାରିଛି। ଗୁରୁଙ୍କୁ କେବେ ବି ଜୀବନରେ ଭୁଲିଯିବା ଉଚିତ ନୁହେଁ। ଗୁରୁଙ୍କ ଶିକ୍ଷାକୁ ସବୁବେଳେ ମନେରଖି କାମରେ ଲଗାଇବା ଉଚିତ ବୋଲି ସେ କହିଥିଲେ। ସେହିପରି ବିଶିଷ୍ଟ ହିନ୍ଦୀ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ ସନ୍ଦୀପ ସିଂହ କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଲେ ଜୀବନରେ ଅର୍ଥ ଓ ନାଁ କମେଇବା ସବୁକିଛି ବୋଲି ମୋର ଯେଉଁ ଧାରଣ ରହିଥିଲା ଏଠାକୁ ଆସିବା ପରେ ତାହା ଦୂର ହୋଇଯାଇଛି। ଜୀବନରେ ସମ୍ମାନ ଓ ସ୍ନେହ ସବୁଠାରୁ ବଡ଼ ବୋଲି ମୁଁ ଏଠାରୁ ଶିଖିବାକୁ ପାଇଲି। ଆଗାମୀ ୩ବର୍ଷ ପାଇଁ ଓଡ଼ିଶାର ପ୍ରତିଭାଙ୍କୁ ନେଇ କିଛି କରିବେ ବୋଲି ସେ କହିଥିଲେ। ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ବିନୋଦ ଗନତ୍ରା କହିଲେ, ନିଷ୍କାମ କର୍ମଯୋଗ କଣ ତାହା ଏଠାକୁ ଆସିବା ମୁଁ ଜାଣି ପାରିଛି। ସୂଚନାଯୋଗ୍ୟ, ମୃଦୁଳା ଗର୍ଗଙ୍କୁ ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୪ ବାବଦରେ ୫ଲକ୍ଷ ଟଙ୍କାର ଅର୍ଥରାଶି, ରୌପ୍ୟ ପଦକ, ସନନ୍ଦ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ବିଜୟ ନାୟକଙ୍କୁ କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୪ ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି, ସନନ୍ଦ ପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ସେହିପରି 'ସୁଲେଖା' ସମ୍ପାଦକ ସଦାଶିବ ମିଶ୍ର ଓ 'ଗୋଧୂଳି' ସମ୍ପାଦିକା ବିମଳା ସିଂହଙ୍କୁ କାଦମ୍ବିନୀ ସମ୍ପାଦକ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ୧୦ହଜର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିବା ବେଳେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ରାଧାବିନୋଦ ନାୟକ, ସୁକାମିନୀ ନନ୍ଦ, ତୁଳସୀ ଓଝା ଓ ପ୍ରଫେସର ନାରାୟଣ ସାହୁଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୪' ପ୍ରଦାନ କରାଯାଇଥିବା। ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ପାଲା ଗାୟିକା ପ୍ରଜ୍ଞା ରାଉତଙ୍କୁ 'କାଦମ୍ବିନୀ ସମ୍ବର୍ଦ୍ଧନା-୨୦୨୪' ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା 'କାଦମ୍ବିନୀ' ଓ 'କୁନିକଥା' ଜାନୁଆରୀ ସଂଖ୍ୟା ଶୁଭ ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। 'କାଦମ୍ବିନୀ' ଓ 'କୁନିକଥା' ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ଡ ଇତିରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବସାହିତ୍ୟ ସମ୍ମିଳନୀରେ ବିଶିଷ୍ଟ ସାହିତ୍ୟିକ ମିହିର କୁମାର ସାହୁ, ପଞ୍ଚାନନ ନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡିଲେଶ୍ୱର ରଣା, ସୌମ୍ୟା ମହାପାତ୍ର, ସଞ୍ଜୟ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ ବିଭାବତୀ ଦାଶ ଓ କୈଳାସ ବେହେରା। ପ୍ରଜ୍ଞାପାରମିତା ରଥ, ମିଯୋଗ ରଞ୍ଜନ ପାତ୍ର ଓ ବେଦପ୍ରକାଶ ନାୟକଙ୍କୁ ଗଳ୍ପ ପାଇଁ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପ୍ରଦାନ କରାଯାଇଥିବା ବେଳେ କବିତା ପାଇଁ ନିଖିଳେଶ ମିଶ୍ର, ଅବକାଶ ପ୍ରଧାନ, ସଂଘମିତ୍ରା ଭୂତିଆ, ଆଶିଷ କୁମାର ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳାରେ ବିନୋଦ ଗନତ୍ରା, ବିଶିଷ୍ଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବାବା ରାମନାରାୟଣ ଦାସ ଓ କଲିକତାସ୍ଥିତ ଏସ୍ଆର୍ଏଫ୍‌ଟିର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଯୋଗ ଦେଇଥିବା ବେଳେ ଯୁଗଳ କିଶୋର ଷଡ଼ଙ୍ଗୀ, ଜ୍ୟୋତିର୍ମୟୀ ମହାନ୍ତି, ମାନସ ରଞ୍ଜନ ସାମଲ ଓ ଶରତ କୁମାର ନାୟକଙ୍କୁ କୁନିକଥା ପ୍ରିୟଲେଖକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ କୁନିକଥା କୁନି-ପ୍ରତିଭା ପୁରସ୍କାର ସହ ଶିଶୁସାହିତ୍ୟ ସମ୍ମିଳନୀ ଓ କୁନାକୁନି ମେଳା ଏବଂ କଥା-କବିତା-ନୃତ୍ୟ-ସଙ୍ଗୀତ କାର୍ଯ୍ୟକ୍ରମ କୁନି ପ୍ରତିଭାମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

ଏହି ଅବସରରେ କବି ଓ କବିତା ଶୀର୍ଷକ ସମ୍ପାଦକ-କବିମାନଙ୍କୁ ନେଇ ଅନୁଷ୍ଠିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୬ ହଜାରରୁ ଉର୍ଦ୍ଧ୍ୱ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିବା ବେଳେ ୫ଶହରୁ ଉର୍ଦ୍ଧ୍ୱ ପତ୍ରିକା 'ପତ୍ରିକା ହାଟ'ରେ ଯୋଗଦେଇଥିଲେ।

# ପାରାଦୀପ ବନ୍ଦର ଠିକା କର୍ମଚାରୀ ଓ ଡିଏଲଆର ମାନଙ୍କ ଦରମା ବୃଦ୍ଧି ନିଷ୍ପତି



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ରେ କାର୍ଯ୍ୟରତ ଠିକା କର୍ମଚାରୀ ଓ ଡିଏଲଆର ଶ୍ରମିକ ମାନଙ୍କର ଦରମା ଓ ଅନ୍ୟାନ୍ୟ ସୁବିଧା ନିମନ୍ତେ ସ୍ଥାନୀୟ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଦାବୀ ହୋଇଆସୁଥିଲା। ତେବେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମରେ ଗତ ଶୁକ୍ରବାର ଦିନ ଅନୁଷ୍ଠିତ ବର୍ଷର ପ୍ରଥମ ବୋର୍ଡ ବୈଠକରେ ବନ୍ଦରର ଠିକା କର୍ମଚାରୀ ଓ ଡିଏଲଆର ମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ଉପରେ ସହମତି ପ୍ରକାଶ ପାଇଥିଲା କ୍ଷ ଏହାଦ୍ୱାରା ପ୍ରାୟ ୨୦ ଜଣ ଠିକା କର୍ମଚାରୀ ଓ ୧୧ ଶହ ରୁ ଉର୍ଦ୍ଧ୍ୱ ଡିଏଲଆର କର୍ମଚାରୀ ଉପକୃତ ହେବେ ବୋଲି ଜଣାପଡିଛି । ଏହି ବୋର୍ଡ ବୈଠକରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦ, ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ଭାରତୀୟ ବନ୍ଦର ମଜଦୁର ସଙ୍ଘ ସମ୍ପାଦକ ତଥା ବନ୍ଦର ଶ୍ରମିକ ପ୍ରତିନିଧି ଶ୍ରୀକାନ୍ତ ରାୟଙ୍କ ସମେତ ଅନ୍ୟ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସୂଚନାଥାଉକି ଗତ ୨୦୧୮ ମସିହାରୁ ଏହି କର୍ମଚାରୀ ଓ ଶ୍ରମିକ ମାନଙ୍କର ଦରମା ବୃଦ୍ଧି ଘଟିନଥିବା ବେଳେ ଏହି ବୋର୍ଡ ବୈଠକରେ ସ୍ୱୀକୃତି ପରେ ଚଳିତ ବର୍ଷ ଠାରୁ ସେମାନଙ୍କ ଦରମାର ୫୦ ପ୍ରତିଶତ ବୃଦ୍ଧି ପାଇବ । ଏତଦବ୍ୟତୀତ ଏସବୁ କର୍ମଚାରୀ ଓ ଡିଏଲଆର ମାନଙ୍କ ବୀମା ରାଶି କୁ ୧୦ ଲକ୍ଷ ରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ଏହି ନିଷ୍ପତି ପରେ ଠିକା କର୍ମଚାରୀ ଓ ଡିଏଲଆର ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

# ସଡକ ସୁରକ୍ଷା ଜୀବନ ରକ୍ଷା

ଖୋର୍ଦ୍ଧା,(ପି.ଏନ): ଜିଲ୍ଲା ପ୍ରଶାସନ, ଆଞ୍ଚଳିକ ପରିବହନ, ଭଏସ୍ ମିଡିଆ ଓ ଜାଗୃତି ଆନୁକୂଲ୍ୟରେ ସଡକ ସୁରକ୍ଷା ପାଳନ କାର୍ଯ୍ୟକ୍ରମ ଅବସରରେ ଆଜି ସ୍ଥାନୀୟ ଖୋର୍ଦ୍ଧା ବସଷ୍ଟାଣ୍ଡ, ଓ ଟ୍ରାଫିକ ଛକରେ ସ୍ଥାନୀୟ ମାନ୍ୟବର ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୌରାଧକ୍ଷା କନକଲତା ମହାନ୍ତି, ଟାଉନ ଥାନା ଅଧିକାରୀ ସଂଜୟ ନାଏକ, ତୃପ୍ତିଲେଖା ଜେନା ସହାୟକ ଏମ.ଭି ଆଇ, ଭଏସ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର ସମ୍ପାଦକ ଉମାଶଙ୍କର ପ୍ରସାଦ, ଜାଗୃତିର ସମ୍ପାଦକ ତଥା ଧରିତ୍ରୀ ର ଜିଲ୍ଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ, ବୈଦ୍ୟୁତିକ ଗଣମାଧ୍ୟମ ଜି ଇ ନିଉଜର ସୂର୍ଯ୍ୟନାରାୟଣ ମହାନ୍ତି, ପ୍ରେସ୍ କ୍ଲବ ର ସମ୍ପାଦକ ଦିଲ୍ଲିପ ପଟ୍ଟନାୟକ, ସାମ୍ବାଦିକ ଶରତ ବାରିକ ,ବରିଷ୍ଠ ଆଇନଜିବୀ ଶିଶିର ପରଡା, ଭଏସ ମିଡିଆର ଜିଲ୍ଲା ସଭାପତି ସୁକାନ୍ତ ପରିଡା, ପରିବେଶ ବିତ ଧନେଶ୍ୱର ବିଧାର,ଯୁବ ବିଜଡି ନେତା ତଥା ସାମ୍ବାଦିକ ଅବ୍ୟକ୍ତ ହରିହର ଖାଡାଙ୍ଗା, ସମୟର ଜିଲ୍ଲା ପ୍ରତିନିଧି ଲଳିତ ମହାପାତ୍ର, ସାମ୍ବାଦିକ ଯୁବମୋର୍ଚ୍ଚା ପ୍ରଦୀପ ବେହେରା, ସାମ୍ବାଦିକ ଗୋପାଳ କୃଷ୍ଣ ଦାସ, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ରହି ବିନା ହେଲମେଟରେ ଗାଡି ଚଳାଉ ଥିବା ବ୍ୟକ୍ତି, ଯୁବକ, ଛାତ୍ରୀ ମାନଙ୍କୁ ଫୁଲ ପ୍ରଦାନ କରିବା ସହ ସଡକ ସୁରକ୍ଷା ଜୀବନ ରକ୍ଷାର ବାର୍ତ୍ତା ଦେବା ସହ ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା ପାଇଁ ସଚେତନ କରାଇଥିଲେ ଏବଂ ଟ୍ରାଫିକ ନିୟମ ମାନି ଚଳିଲେ ଆମେ ଆସନ୍ନ ବିପଦରୁ ନିଜକୁ ସୁରକ୍ଷିତ କରିପାରିବା ବୋଲି କହିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

# ଶ୍ରମିକ କର୍ମଚାରୀମାନଙ୍କ ସମସ୍ୟାକୁ କଂଗ୍ରେସ ନିର୍ବାଚନ ଇସ୍ତାହାରରେ ସ୍ଥାନିତ କରିବାକୁ ଦାବୀ



ଭୁବନେଶ୍ୱର,(ପି.ଏନ): ପୁରୁଣା ପେନସନ୍ କାର୍ଯ୍ୟକାରୀ କରିବା, ଇପିଏଫ ପେନସନକୁ ସର୍ବନିମ୍ନ ୯ ହଜାର ଟଙ୍କା ଦେବା କଂଗ୍ରେସ ସରକାରକୁ ଆସିଲେ ଶ୍ରମକୋର୍ଡ ପ୍ରତ୍ୟାହାର କରିବା, ସର୍ବନିମ୍ନ ଦରମା ୨୬ ହଜାର କରିବା, ଅଙ୍ଗନୱାଡ଼ି, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପାଚିକା, ସିଏମ୍ଆର, ଏନ୍.ଏମ୍.ଆର ମାନଙ୍କ ସର୍ବନିମ୍ନ ମଜୁରୀ ସହିତ ସ୍ୱାସ୍ଥ୍ୟବୀମା ଓ ସାମାଜିକ ସୁରକ୍ଷା ନିଶ୍ଚିତ କରିବା। ଅନୁଗୁଳ ସମେତ ରାଜ୍ୟର ସମସ୍ତ କଳକାରଖାନା ଓ ଖଣିଖାଦାନ ଦ୍ୱାରା, ବିସ୍ଥାପିତ ମାନଙ୍କୁ ଚାକିରୀ ଯୋଗାଇଦେବା, ସମସ୍ତ ଖାଲି ପଦବୀ ପୁରଣ କରିବା, ସମସ୍ତ ଡିଏଲଆର, ଏମ୍.ଆର. ସ୍ଥାୟୀ ନିଯୁକ୍ତି କରିବା, ପାରିପାର୍ଶ୍ୱିକ ସମସ୍ୟା ତଥା ଜାତୀୟ ରାଜପଥ-୫୫ ଓ ୫୩କୁ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଏବଂ ପରିବେଶ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ସ୍ଥାୟୀ ପ୍ରତିକାର କରିବା, ପ୍ରଭୃତି ଦାବୀଗୁଡ଼ିକୁ କଂଗ୍ରେସ ଦଳର କେନ୍ଦ୍ର ଓ ରାଜ୍ୟ ୨୦୨୪ ନିର୍ବାଚନ ଇସ୍ତାହାରରେ ସ୍ଥାନୀତ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଦାବୀ କରିଛନ୍ତି। ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ-ଓଡ଼ିଶା ଶାଖା ତରଫରୁ ଏକ ପ୍ରତିନିଧି ଦଳ ଅଖିଳ ଭାରତ କଂଗ୍ରେସ କମିଟିର ନବନିଯୁକ୍ତ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାରଙ୍କୁ ଭେଟି ଏକ ସ୍ମାରକ ପତ୍ର ଦେଇଛନ୍ତି ଏବଂ ଆଇ.ଏନ୍.ଟି.ୟୁ.ସି. ନେତୃତ୍ୱରେ ଓଡ଼ିଶାରେ ହେଉଥିବା ବିଭିନ୍ନ ଆନ୍ଦୋଳନକୁ କଂଗ୍ରେସ ଦଳ ସମର୍ଥନ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ତରଫରୁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ତଥା ପ୍ରଦେଶ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଥାଉକି ଉପରୋକ୍ତ ଦାବୀ ଗୁଡ଼ିକ ଉପରେ ଆଗାମୀ ୩୦ ତାରିଖ ମହାତ୍ମାଗାନ୍ଧୀଙ୍କ ମହାପରାୟଣ ଦିବସରେ ସମଗ୍ର ଅନୁଗୁଳ ଜିଲ୍ଲାରେ ପ୍ରସ୍ତାବିତ ସତ୍ୟାଗ୍ରହ ଓ ଆନ୍ଦୋଳନ କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ ଜଣାଇଛନ୍ତି। ଏହି ଆନ୍ଦୋଳନ ଓ ଶ୍ରମିକମାନଙ୍କ ଦାବୀକୁ ଓଡ଼ିଶା ପ୍ରଭାରୀ ଡଃ ଅଜୟ କୁମାର ଓ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ ପୂର୍ଣ୍ଣ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଆଗାମୀ ନିର୍ବାଚନରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦୨୪ ନିର୍ବାଚନରେ ପ୍ରସ୍ତାବିତ ପ୍ରାର୍ଥୀମାନଙ୍କୁ ତାଙ୍କ ଦକ୍ଷତାକୁ ବିଚାରକୁ ନେଇ ପ୍ରାର୍ଥୀ ଚୟନ କରିବା ପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ପ୍ରତିନିଧି ଦଳ ସାଧାରଣ ସମ୍ପାଦକ- କିଶୋର ଜେନା, ଉପସଭାପତି - ମଦନ ମୋହନ ଧଳ, ଶ୍ୟାମ ସୁନ୍ଦର ମହାପାତ୍ର, ବିଦ୍ୟାଧର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ- ସତ୍ୟବ୍ରତ ନାୟକ, ନିର୍ମାଳ ସାମଲ, ଅକ୍ଷୟ ତ୍ରିପାଠୀ, ମହିଳା ସଭାନେତ୍ରୀ- ପ୍ରଣତି ମିଶ୍ର, ସମ୍ପାଦକ- କୃଷ୍ଣଚନ୍ଦ୍ର ସାହୁ, ଅଜୟପାଇକରାୟ, ଭୁବନ ବିହାରୀ ସାହୁ, ଯବାମଣି ଟୁଡୁ, ବାସନ୍ତୀ ସାମଲ, ସିଲି ସେଠୀ, ବିକାଶ ଦାସ, ବିମଳ ପ୍ରଧାନ, ପ୍ରକାଶ ବେହେରା, କର୍ଣ୍ଣରାଜ ପ୍ରଧାନ, ଘନ ସବର, ବ୍ରହ୍ମାନନ୍ଦ ମହାକୁଡ଼, ସନ୍ତୋଷ ଦଳ, ଭାସ୍କର ମହାନ୍ତି, କୈଳାସ ସାହୁ, ସୁବ୍ରତ ପ୍ରଧାନ, କାମେନୀ ମହାରଣା ଓ ସାଗର ରଞ୍ଜନ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray